Chapter- 2

# ଉପଯୁକ୍ତ ବେଶ ପକାଇ ଆସ

## STUDY NOTES

**ସାରକଥା:**

- ଏକଦା ଜଣେ ରାଜା ଥିଲେ।
- ସେ ଗୋଟିଏ ରାଜ୍ୟ ଜୟ କଲେ, ପୋଷାକରେ ଖଣ୍ଡିଏ ହୀରା ଲଗାନ୍ତି।
- ଚାରି, ଛଅଟି ରାଜ୍ୟ କଲେ, ପଗଡ଼ି ଓ ପୋଷାକରେ ଚାରି, ଛଅ ଟେକା ହୀରା ଲଗାଇ ନଅରକୁ ଫେରୁଥିଲେ।
- ସୈନ୍ୟବାହିନୀ ଶୋଇପଡ଼ିଥା'ନ୍ତି। ରାଜା ନିଶାର୍ଦ୍ଧରେ ପଦଚାରଣ କରୁଥିଲେ।
- ହଠାତ୍ ପର୍ବତ ଉପରେ ଏକ ଆଲୋକ ରାଜାଙ୍କ ଦୃଷ୍ଟିଗୋଚର ହେଲା।
- ସେ ଆଲୋକ ପର୍ବତ ଉପରେ ରହୁଥିବା ଜଣେ ସନ୍ନ୍ୟାସୀଙ୍କର ବୋଲି ରାଜା ମନ୍ତ୍ରୀଙ୍କଠାରୁ ଜାଣିବାକୁ ପାଇଲେ।
- ରାଜା ସନ୍ନ୍ୟାସୀଙ୍କୁ ଦେଖା କରିବାକୁ ଅନୁମତି ପାଇଁ ଦୂତ ପଠାଇଲେ।
- ଅନୁମତି ପ୍ରାପ୍ତ ରାଜା ରାଜପୋଷାକରେ ସନ୍ନ୍ୟାସୀଙ୍କୁ ଦେଖା କରିବାକୁ ବାହାରିଲେ।
- ଦୂତ ରାଜାଙ୍କୁ କହିଲେ ଯେ, ଉପଯୁକ୍ତ ବେଶ ପକାଇ ଆସନ୍ତୁ।
- ରାଜା ପୁଣି ଥରେ ସାଧାରଣ ନାଗରିକ ପୋଷାକରେ ଦେଖା କରିବାକୁ ବାହାରିଲେ।
- ପୁନଶ୍ଚ ଜଣେ ଚେଲା ଆସି କହିଲା- ମଣିମା, ଉପଯୁକ୍ତ ବେଶ ପକାଇ ଆସନ୍ତୁ।
- ରାଜା ବିଚଳିତ ଓ ବ୍ୟସ୍ତବିବ୍ରତ ହୋଇଗଲେ। କାନ୍ଦ କାନ୍ଦ ମଧ ହୋଇଗଲେ।
- ଉପଯୁକ୍ତ ବେଶ କହିଲେ, କ'ଣ ବୁଝାଏ ? ରାଜା କିଛି ବୁଝିପାରିଲେ ନାହିଁ।
- ରାଜା ତାଙ୍କ ଜୀବନକାଳ ମଧ୍ୟରେ ବହୁ ରାଜ୍ୟ ଜୟ କରିଛନ୍ତି, ଅନେକ ମୁଣ୍ଡକାଟ କରିଛନ୍ତି।
- ସେ ନିଜକୁ ଜଣେ ପ୍ରଭାବଶାଳୀ, କ୍ଷମତାଶାଳୀ ରାଜା ବୋଲି ଭାବୁଥିଲେ। ହେଲେ ସେ ଜଣେ ସାଧୁଙ୍କ ଆଖିରେ ଅଯୋଗ୍ୟ, ଏକଥା ରାଜା ଶିବିର ମଧ୍ୟରେ ଏକାକୀ ଭାବୁଥିଲେ।
- ଏହି ସମୟରେ ଶୁଣାଗଲା- 'ପୁଅ ! ଏ ବେଶରେ ତମେ କେଡ଼େ ସୁନ୍ଦର ଦିଶୁଛ।'
- ବାସ୍ତବରେ ଏ କଣ୍ଠସ୍ୱର ଥିଲା ସନ୍ନ୍ୟାସୀଙ୍କର।
- ଆତ୍ମଗର୍ବୀ ରାଜା ତାଙ୍କ ଭୁଲ ବୁଝିପାରିଲେ। ସନ୍ନ୍ୟାସୀଙ୍କ ପାଦତଳେ ପଡ଼ିଗଲେ।
- ସନ୍ନ୍ୟାସୀ ରାଜାଙ୍କୁ ଆଶୀର୍ବାଦ କରି ଚାଲିଗଲେ।

**କଠିନ ଶବ୍ଦର ଅର୍ଥ:**

| | | |
|---|---|---|
| ପରିଧେୟ | - | ପୋଷାକ |
| ପାଦଦେଶରେ | - | ମୂଳରେ |
| ନୀଳାଭ | - | ନୀଳରଙ୍ଗର |
| ବିସ୍ମୟ | - | ଆଶ୍ଚର୍ଯ୍ୟ |
| ଅଗତ୍ୟା | - | ହଠାତ୍ |
| ଉଦ୍ଧତ | - | ବଦ୍‌ମାସ |
| ନିର୍ବାକ୍ | - | ଚୁପ୍‌ଚାପ |
| ଉଭା | - | ଉପସ୍ଥିତ |
| କ୍ଷମତାଶାଳୀ | - | ଶକ୍ତିଶାଳୀ |
| ପ୍ରତ୍ୟାବର୍ତ୍ତନ | - | ଫେରିବା |
| ନିଶାର୍ଦ୍ଧ | - | ରାତି |
| ଦୃଷ୍ଟିଗୋଚର | - | ଦେଖିପାରିବା |
| ବିଶେଷତ୍ୱ | - | ସ୍ୱତନ୍ତ୍ରତା |
| ହାଜର | - | ପହଞ୍ଚାଇବା |
| ନିରସ୍ତ୍ର | - | ଅସ୍ତ୍ରହୀନ |
| ଅଶ୍ରୁ | - | ଲୁହ |
| ସ୍ୱୟଂ | - | ନିଜେ |
| ପ୍ରଭାବଶାଳୀ | - | ଆଧିପତ୍ୟ ବିସ୍ତାର |

**ପ୍ରଶ୍ନଉତ୍ତର:**

୧. ଆସ କଥାବାର୍ତ୍ତା ହେବା ।

(କ) ପ୍ର: ରାଜା ରାଜ୍ୟ ଜୟ କଲେ ପୋଷାକରେ ନୂଆ ହୀରା ଖଣ୍ଡିଏ ଲଗାନ୍ତି କାହିଁକି ?

ଉ: ରାଜା ରାଜ୍ୟ ଜୟ କଲେ ବିଜୟର ପ୍ରତୀକ ରୂପେ ପୋଷାକରେ ନୂଆ ହୀରା ଖଣ୍ଡିଏ ଲଗାନ୍ତି ।

(ଖ) ପ୍ର: ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇ କ'ଣ ଦେଖାଇଲେ ?

ଉ: ରାଜା ମନ୍ତ୍ରୀଙ୍କୁ ନିଦରୁ ଉଠାଇ ଏକ ଅଦ୍ଭୁତ ଆଲୋକ ଦେଖାଇଲେ ।

(ଗ) ପ୍ର: ସନ୍ନ୍ୟାସୀ ତାଙ୍କ ଚେଲା ଦ୍ୱାରା ରାଜାଙ୍କ ନିକଟକୁ ପଠାଉଥିବା ଖବରଟି କୁହ ?

ODM EDUCATIONAL GROUP Changing your Tomorrow

ଉ: ସନ୍ନ୍ୟାସୀ ତାଙ୍କ ଚେଲା ଦ୍ୱାରା ରାଜାଙ୍କ ନିକଟକୁ ପଠାଉଥିବା ଖବରଟି ହେଉଛି- ଉପଯୁକ୍ତ ବେଶ ପକାଇ ଆସନ୍ତୁ।

(ଘ) ପ୍ର: ଜଣେ ମନୁଷ୍ୟର ଉପଯୁକ୍ତ ବେଶଟି କ'ଣ ?

ଉ: ଜଣେ ମନୁଷ୍ୟର ଉପଯୁକ୍ତ ବେଶଟି ହେଉଛି- ମନମଧ୍ୟରୁ ଗର୍ବ, ଅହଙ୍କାର ଦୂର କରିବା ଓ ହୃଦୟକୁ ନିର୍ମଳ ରଖିବା, ନମ୍ରତା ପ୍ରଦର୍ଶନ କରିବା।

(ଙ) ପ୍ର: ରାଜା ନିଜକୁ ମୂର୍ଖ ବୋଲି ମନେ କଲେ କାହିଁକି ?

ଉ: ରାଜା ବହୁ ଗର୍ବୀ ଥିଲେ। କ୍ଷମତାଶାଳୀ, ପ୍ରଭାବଶାଳୀ ମଧ୍ୟ ଥିଲେ। ସନ୍ନ୍ୟାସୀଙ୍କ ଉପଦେଶାତ୍ମକ ବାଣୀ ଶୁଣି ସେ ନିଜକୁ ମୂର୍ଖ ବୋଲି ମନେ କଲେ।

୨. ବନ୍ଧନୀ ମଧ୍ୟରୁ ଠିକ୍ ଶବ୍ଦ ନେଇ ଶୂନ୍ୟସ୍ଥାନ ପୂରଣ କରିବା।

(ଆଖପାଖ, କାଠପତ୍ର, ଲୁଗାପଟା, ଚଲାବୁଲା, ହସଖୁସି, ସୁନାରୂପା)

(କ) ସକାଳୁ କିଛି ସମୟ **ଚଲାବୁଲା** କଲେ ଦେହ ଫୂର୍ତ୍ତି ଲାଗେ।

(ଖ) ଚଇତନ ଜଙ୍ଗଲରୁ **କାଠପତ୍ର** ସଂଗ୍ରହ କରି ଚଳେ।

(ଗ) ବୁବୁର ଜନ୍ମଦିନରେ ସମସ୍ତେ **ହସଖୁସି**ରେ ମାତିଛନ୍ତି।

(ଘ) ଯାତ୍ରା ଦେଖିବା ପାଇଁ **ଆଖପାଖ**ରେ ବହୁତ ଲୋକ ରୁଣ୍ଡ ହେଲେ।

(ଙ) ନମ୍ରତା **ସୁନାରୂପା**ଠାରୁ ବଳି ବଡ଼ ସମ୍ପଦ।

୩. ''ଜନହୀନ'' କହିଲେ ''ଜନଶୂନ୍ୟ'' ଅର୍ଥକୁ ବୁଝାଏ। ସେପରି ତଳ ଶବ୍ଦଗୁଡ଼ିକ କେଉଁ ଅର୍ଥକୁ ବୁଝାଇବା ଲେଖିବା।

ODM EDUCATIONAL GROUP Changing your Tomorrow

ଧନହୀନ - ଧନଶୂନ୍ୟ

ମନ୍ତ୍ରହୀନ - ମନ୍ତ୍ରଶୂନ୍ୟ

ବସ୍ତ୍ରହୀନ - ବସ୍ତ୍ରଶୂନ୍ୟ

ଭକ୍ତିହୀନ - ଭକ୍ତିଶୂନ୍ୟ

ବୁଦ୍ଧିହୀନ - ବୁଦ୍ଧିଶୂନ୍ୟ

ଜ୍ଞାନହୀନ - ଜ୍ଞାନଶୂନ୍ୟ

କ୍ରିୟାହୀନ - କ୍ରିୟାଶୂନ୍ୟ

୪. (ମୁଁ) [ତୁମ] ସହିତ △ମାମୁଁ ଘରକୁ ଯିବି।

ଏଠାରେ 'ମୁଁ' ପଦଟି ପ୍ରଥମ ପୁରୁଷ 'ତୁମ' ପଦଟି ଦ୍ୱିତୀୟ ପୁରୁଷ ଓ 'ମାମୁଁ' ପଦଟି ତୃତୀୟ ପୁରୁଷ ଅଟେ। ଯେକୌଣସି ନାମକୁ ବୁଝାଉଥିବା ପଦମଧ ତୃତୀୟ ପୁରୁଷ। ସେହିପରି ତଳବାକ୍ୟରେ ପ୍ରଥମ ପୁରୁଷରେ ଥିବା ପଦ ଚାରିପଟେ ◯, ଦ୍ୱିତୀୟ ପୁରୁଷ ପଦ ଚାରିପଟେ ▭ ଓ ତୃତୀୟ ପୁରୁଷରେ ଥିବା ପଦ ଚାରିପଟେ △ ଦେବା।

(କ) (ମୁଁ) ମୋ △ଜନ୍ମଭୂମିକୁ ଭଲ ପାଏ।

(ଖ) [ପଙ୍କଜବାବୁ] ଜଣେ ନମ୍ର ବ୍ୟକ୍ତି।

(ଗ) [ତୁମେ] କାହାକୁ ଖୋଜୁଛ ?

(ଘ) [ଆପଣଙ୍କୁ] ମୁଁ କିଛି କହିବି।

(ଙ) [ସେ] କଦାପି ମିଛ କହେ ନାହିଁ।

୫. ଠିକ୍ ବନାନ ଲେଖାଥିବା ଶବ୍ଦଟିକୁ ବାଛି ପାଖ କୋଠରୀରେ ଲେଖିବା।

(କ) ବିସ୍ମୟ, ବୀଶ୍ମୟ, ବୀସ୍ମୟ, ବିଷ୍ମୟ - **ବିସ୍ମୟ**

(ଖ) ପୋଶାକ, ପୋଷାକ, ପୋସକ, ପୋସାକ - **ପୋଷାକ**

(ଗ) ସମୁଖ, ଶମ୍ମୁଖ, ସମ୍ମୁଖ, ଷମ୍ମୁଖ - **ସମ୍ମୁଖ**

(ଘ) ସନ୍ୟାସୀ, ସନ୍ନ୍ୟାସୀ, ସନ୍ୟାସି, ସନ୍ନ୍ୟାସୀ - **ସନ୍ନ୍ୟାସୀ**

(ଙ) ଅଶ୍ରୁ, ଅଶ୍ରୁ, ଅସ୍ରୁ, ଅସ୍ରୁ - **ଅଶ୍ରୁ**

୬. ତଳେ ଲେଖା ଯାଇଥିବା ଶବ୍ଦଗୁଡ଼ିକ ମଧ୍ୟରୁ ଯେଉଁ ଶବ୍ଦଗୁଡ଼ିକ କୌଣସି ଶବ୍ଦର ବିପରୀତ ଅର୍ଥକୁ ବୁଝାଉଛି ତାକୁ ବାଛି ଅଲଗା ଲେଖିବା।

ଅସାଧାରଣ, ଅଯୋଗ୍ୟ, ଅପୂର୍ବ

୭. ତଳେ ଦିଆଯାଇଥିବା ଅନୁଚ୍ଛେଦରୁ ପ୍ରଶ୍ନଗୁଡ଼ିଏ ତିଆରି କରି ଲେଖିବା।

ରାତିରେ ବୁଢ଼ାକୁ ସ୍କୁଲରେ ଅତିଥି ଭାବରେ ରଖାଗଲା। ଖାଇସାରି ପିଲାମାନଙ୍କ ସଙ୍ଗେ କଥାବାର୍ତ୍ତା ହେଉ ହେଉ ତାଙ୍କରି ପାଖରେ ବୁଢ଼ା ଶୋଇପଡ଼ିଲା। ହେଲେ ତାକୁ ନିଦ ହେଲା ନାହିଁ। ବୁଢ଼ା ଭାବୁଥାଏ, ସ୍କୁଲର ବାବୁମାନେ ଯେଉଁ ଉପାୟରେ ଏଡ଼େ ସୁନ୍ଦର ଫସଲ କରିଛନ୍ତି, ତାକୁ ଟିକିଏ ସେ ଉପାୟ ବତାଇ ଦିଅନ୍ତେ କି ? ସେ ମଧ ତା'

କ୍ଷେତକୁ ଉଠିଆ କରନ୍ତା । ନିଜ କ୍ଷେତରେ ସେ ଚଳନ୍ତା, ମୁଠାଏ ଖାଦ୍ୟ ପାଇବାକୁ ଜଙ୍ଗଲର ଅନ୍ଦିକନ୍ଦି ବୁଲିବାରୁ ରକ୍ଷା ପାଆନ୍ତା । ଏମିତି ଭାଭୁ ଭାବୁ ବୁଢ଼ାକୁ ନିଦ ଲାଗିଗଲା ।

(କ) ସ୍କୁଲରେ କାହାକୁ ଅତିଥି ଭାବରେ ରଖାଗଲା ?

(ଖ) କିଏ ପିଲାମାନଙ୍କ ପାଖରେ ଶୋଇପଡ଼ିଲା ?

(ଗ) ବୁଢ଼ା କ'ଣ ଭାବୁଥିଲା ?

(ଘ) କାହାକୁ ନିଦ ହେଲା ନାହିଁ ?

(ଙ) କିଏ ପିଲାମାନଙ୍କ ସାଙ୍ଗେ କଥାବାର୍ତ୍ତା ହେଉଥିଲା ?

୮. ତଳ ପ୍ରଶ୍ନଗୁଡ଼ିକର ଉତ୍ତର ଭାବି ଲେଖିବା ।

(କ) ପ୍ର: ଅର୍ଦ୍ଧରାତ୍ର ସମୟରେ ରାଜା କିପରି ଆଲୋକ ଦେଖିବାକୁ ପାଇଲେ ?

ଉ: ଅର୍ଦ୍ଧରାତ୍ର ସମୟରେ ରାଜା ଅଭୂତ ନିଳାଭ ଆଲୋକ ଦେଖିବାକୁ ପାଇଲେ ।

(ଖ) ପ୍ର: ମନ୍ତ୍ରୀଙ୍କ ଉତ୍ତରରୁ ରାଜା କ'ଣ ବୁଝିଲେ ?

ଉ: ମନ୍ତ୍ରୀଙ୍କ ଉତ୍ତରରୁ ରାଜା ବୁଝିଲେ ଯେ, ଆଲୋକର ଯେଉଁ ବିଶେଷତ୍ୱ ସେ ଦେଖୁଛନ୍ତି, ମନ୍ତ୍ରୀ ତାହା ଦେଖିପାରୁ ନାହାନ୍ତି ।

(ଗ) ପ୍ର: ତୃତୀୟ ଚେଲାଟିର କଥା ଶୁଣି ରାଜା କାନ୍ଦ କାନ୍ଦ ହୋଇଗଲେ କାହିଁକି ?

ଉ: ସନ୍ନ୍ୟାସୀଙ୍କ ମନର ଭାବନାକୁ ଠିକ୍ ଭାବେ ବୁଝିନପାରି ତୃତୀୟ ଚେଲାଟିର କଥାଶୁଣି ରାଜା କାନ୍ଦ କାନ୍ଦ ହୋଇଗଲେ ।

(ଘ) ପ୍ର: କେଉଁସବୁ କାର୍ଯ୍ୟ ପାଇଁ ରାଜା ନିଜକୁ ଅଯୋଗ୍ୟ ବୋଲି ମନେ କଲେ ?

ଉ: କ୍ଷମତାଶାଳୀ, ପ୍ରଭାବଶାଳୀ, ମୁଣ୍ଡକାଟ, ରାଜ୍ୟଜୟ ଭଳି କାର୍ଯ୍ୟ ପାଇଁ ରାଜା ନିଜକୁ ଅଯୋଗ୍ୟ ବୋଲି ମନେ କଲେ ।

(ଙ) ପ୍ର: କେଉଁ ବେଶରେ ମଣିଷ ଅଧିକ ସୁନ୍ଦର ଲାଗେ ?

ଉ: ଶାନ୍ତ, ସରଳ, ଭଦ୍ର, ନମ୍ର ଭଳି ଗୁଣ ହୃଦୟରେ ଥିଲେ, ମଣିଷ ଅଧିକ ସୁନ୍ଦର ଲାଗେ ।

୯. ନିଜ ଭାଷାରେ ବୁଝାଇ ଲେଖିବା ।

'ପୁଅ ! ଏ ବେଶରେ ତୁମେ କେଡ଼େ ସୁନ୍ଦର ଦିଶୁଛ ।'

ଉକ୍ତ ଗଦ୍ୟାଂଶଟି ଆମ ପଠିତ ସାହିତ୍ୟ ବହିରେ ଥିବା ମନୋଜ ଦାସଙ୍କ ଦ୍ୱାରା ଲିଖିତ 'ଉପଯୁକ୍ତ ବେଶ ପକାଇ ଆସ' ପ୍ରବନ୍ଧରୁ ଆସିଅଛି । ଏଠାରେ ଲେଖକ, ରାଜା ଉପଯୁକ୍ତ ବେଶ ପକାଇ ସନ୍ନ୍ୟାସୀଙ୍କୁ ସାକ୍ଷାତ କରିବା ବିଷୟରେ ବର୍ଣ୍ଣନା କରିଛନ୍ତି ।

ଏକଦା ଜଣେ ରାଜା ଥିଲେ। ସେ ବହୁତ ପ୍ରଭାବଶାଳୀ ଓ ପରାକ୍ରମଶାଳୀ ଥିଲେ। ପାହାଡ଼ର ପାଦ ଦେଶରେ ଶିବିର ମଧ୍ୟରେ ଥିବା ବେଳେ ରାତିରେ ପାହାଡ଼ ଉପରେ ଏକ ଆଲୋକ ଦେଖିଲେ। ମନ୍ତ୍ରୀଙ୍କଠାରୁ ଜାଣିଲେ ଯେ, ସେ ଆଲୋକ ଜଣେ ସନ୍ନ୍ୟାସୀଙ୍କର। ରାଜା ସନ୍ନ୍ୟାସୀଙ୍କୁ ଭେଟିବା ପାଇଁ ଦୂତ ପଠାଇଲେ। ଉପଯୁକ୍ତ ବେଶ ପକାଇ ଆସିବା ପାଇଁ ସନ୍ନ୍ୟାସୀ ଆଦେଶ ଦେଲେ। ରାଜା ରାଜପୋଷାକରେ ଯିବାରୁ ଚେଲା କହିଲେ ଉପଯୁକ୍ତ ବେଶ ପକାଇ ଆସ। ସାଧାରଣ ନାଗରିକ ପୋଷାକରେ ଯିବାରୁ ଚେଲା କହିଲେ, ଗୁରୁଙ୍କ ଆଦେଶ ଉପଯୁକ୍ତ ବେଶ ପକାଇ ଆସ। ରାଜା ବ୍ୟସ୍ତବିବ୍ରତ ହୋଇଗଲେ। କାନ୍ଦ କାନ୍ଦ ମଧ୍ୟ ହୋଇଗଲେ। ସେ କେତେ ରାଜ୍ୟ ଜୟ କରିଛନ୍ତି। କେତେ ମୁଣ୍ଡ କାଟିଛନ୍ତି, ସେ କେତେ କ୍ଷମତାଶାଳୀ ମଧ୍ୟ। ତଥାପି ସାଧୁଙ୍କ ଆଖିରେ ଅଯୋଗ୍ୟ। ଏହି ସମୟରେ ରାଜା ଶୁଣିପାରିଲେ- 'ପୁଅ ! ଏ ବେଶରେ ତମେ କେଡ଼େ ସୁନ୍ଦର ଦିଶୁଛ'।

ରାଜା ଚମକି ପଡ଼ିଲେ। ସାଧୁଙ୍କ ପାଦତଳେ ଲୋଟିଗଲେ। ରାଜା ନିଜ ଭୁଲ ବୁଝିପାରିଲେ। ନିଜକୁ ଧିକ୍କାର ମଧ୍ୟ କଲେ।

ଏଠାରେ ଲେଖକଙ୍କ ବର୍ଣ୍ଣନାଟି ବହୁତ ସୁନ୍ଦର ହୋଇଛି।

୧୦. ତଳେ କେତେଗୁଡ଼ିଏ ଶବ୍ଦ ଦିଆଯାଇଛି। ପ୍ରତ୍ୟେକ ଶବ୍ଦ ପାଇଁ ଦିଆଯାଇଥିବା ଅର୍ଥଗୁଡ଼ିକ ମଧ୍ୟରୁ ଠିକ୍ ଅର୍ଥଟି ବାଛିବା ଏବଂ ମୂଳ ଶବ୍ଦକୁ ନେଇ ବାକ୍ୟଗଠନ କରିବା।

ଦୃଷ୍ଟିଗୋଚର – **ପରିଷ୍କାର ଭାବରେ ଦେଖିବା:**- ଜଙ୍ଗଲରେ ଏକ ମହାବଳ ବାଘ ଦୃଷ୍ଟିଗୋଚର ହେଲା।

ଅଗତ୍ୟା – **ଅନ୍ୟଗତି ନଥିବାରୁ:**- ଷଣ୍ଢଟି ଅଗତ୍ୟା ରାମୁକୁ ଆକ୍ରମଣ କଲା।

ଉଦ୍ଧତ – **ଅବିନୀତ:**- ଉଦ୍ଧତ ଲୋକ କାହାର ଆଦର ପାଏ ନାହିଁ।

ପରିଧେୟ – **ପିନ୍ଧାଯାଇଥିବା:**- ପରିଧେୟ ବସ୍ତ୍ରକୁ ଧୋଇବା ଉଚିତ୍।

୧୧. ଯେପରି 'ବିଶେଷ' ଶବ୍ଦରୁ ବିଶେଷତ୍ୱ ହୋଇଛି, ସେହିପରି ତଳେ ଦିଆଯାଇଥିବା ଶବ୍ଦଗୁଡ଼ିକୁ ବଦଳାଇ ଲେଖିବା।

ମନୁଷ୍ୟ – ମନୁଷ୍ୟତ୍ୱ

ଘନ – ଘନତ୍ୱ

ବ୍ୟକ୍ତି – ବ୍ୟକ୍ତିତ୍ୱ

ଗୁରୁ – ଗୁରୁତ୍ୱ

ପଶୁ – ପଶୁତ୍ୱ

ଦୈବ – ଦୈବତ୍ୱ

***

ODM EDUCATIONAL GROUP Changing your Tomorrow